**ଫୁଲୁଛି ଖରସ୍ରୋତା, ବିପଦପୂର୍ଣ୍ଣ ସ୍ଥାନରେ ଜାଫିର ଲଗାଇବାକୁ ଦାବି**

ସିଂହପୁର, (ଡି.ଏନ୍.ଏ.)- ଖରସ୍ରୋତା ନଦୀର ଜଳସ୍ତର ବୃଦ୍ଧିପାଉଥିବା ବେଳେ କେତେକ ବିପଦପୂର୍ଣ୍ଣ ସ୍ଥାନରେ ଅତଡ଼ା ଧସୁଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଖରସ୍ରୋତା ଗାଇଡ ବନ୍ଧର ଜରୀ କୁଳସାହି, ଜରୀ ସାହୁସାହି, ଛଦାମୁଣ୍ଡ ନାୟକ ସାହି, ବାଙ୍ଗରା ଛକଠାରେ ନଦୀବନ୍ଧ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଉକ୍ତ ସ୍ଥାନରେ ଜଳସମ୍ପଦ ବିଭାଗ ପକ୍ଷରୁ ତୁରନ୍ତ ଜାଫିର ଲଗାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସିଂହପୁର ସେକ୍ସନର କନିଷ୍ଠ ଯନ୍ତ୍ରୀ ନବୀନ ପାଣିଗ୍ରାହୀଙ୍କୁ ପଚାରିବାରେ ବିପଦପୂର୍ଣ୍ଣ ସ୍ଥାନ ପ୍ରତି ନଜର ରଖାଯାଇଛି ବୋଲି କହିଛନ୍ତି।



## ସଂକ୍ଷେପରେ

### ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ଦମ୍ପତି

ତିର୍ତ୍ତୋଲ,୨୬।୮(ଡି.ଏନ.ଏ.): ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ ଅଧୀନ ଇବ୍ରିସିଂ ପଞ୍ଚାୟତ ଖନ୍ଦୋଳ ଗ୍ରାମରେ ଲଗାଣ ବର୍ଷାରେ ଏକ କଚ୍ଚାଘର ଭାଙ୍ଗିଯାଇଛି। ଏହି ଘରେ ଥିବା ବାବାଜୀ ପଣ୍ଡା ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘରେଥିବା ଖାଦ୍ୟସଶ୍ୟ ସମେତ ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଏକ ସାଇକେଲ ମଧ ଭାଙ୍ଗି ଯାଇଛି। ବାବାଜୀ ବିଭିନ୍ନ ମନ୍ଦିରରେ ପୂଜାକରି ପରିବାର ଚଳାଇଥାନ୍ତି। ତେଣୁ ଏହି ଗରିବ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି। ତଦନ୍ତ ପରେ ପଣ୍ଡାଙ୍କ ପରିବାରକୁ ସରକାରୀ ନିୟମ ଆଧାରରେ ସହାୟତା ଦିଆଯିବ ବୋଲି ରାଜସ୍ୱ ନିରୀକ୍ଷକ ସୂଚନା ଦେଇଛନ୍ତି।

### ପାର୍ଲରରୁ ନାବାଳିକା ଉଦ୍ଧାର, ୨ ଗିରଫ

ଯାଜପୁର ରୋଡ୍, ୨୬।୮ (ଡି.ଏନ୍.ଏ.): ଯାଜପୁର ରୋଡ୍ ଥାନା ଅଧୀନ କୋର୍ଟ ପଛ ପଟରେ ଥିବା ଏକ ପାର୍ଲରରେ ଚଢ଼ାଉ କରି ପୋଲିସ ଜଣେ ନାବାଳିକାଙ୍କୁ ଉଦ୍ଧାର କରିଛି। ଏ ନେଇ ଯାଜପୁର ରୋଡ୍ ଥାନାରେ ୩୩୯/୨୦ ନଂ.ରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ପାର୍ଲରର ମାଲିକାଣୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି।

### ଡ୍ରେନେଜ୍ କଟ୍‌ରୁ ଦଳ ସଫା ଦାବି

କେନ୍ଦ୍ରାପଡ଼ା ଅଫିସ, ୨୬।୮: କେନ୍ଦ୍ରାପଡ଼ା ଜିଲା କୃଷକ ବିକାଶ ପରିଷଦ ପକ୍ଷରୁ ୧୯ ନଂ. ଡ୍ରେନେଜ୍ କଟ୍‌ରୁ ଦଳ ସଫା ପାଇଁ ଜିଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରାଯାଇଛି। ପରିଷଦ ସଭାପତି ବିଜୟ ପରିଡା କହନ୍ତି, ୧୯ନଂ. ଡ୍ରେନେଜ୍ କଟ୍ ଦାନପୁରଠାରୁ ବାହାରି ବଣହରା ପାଟ ନିକଟରେ ଗୋବରୀରେ ମିଶିଛି। ଏହି ନାଳର ପ୍ରାୟ ୨ କିଲୋମିଟର ଅଞ୍ଚଳରେ ବିଭିନ୍ନ ପ୍ରକାର ଦଳ ଜମା ହୋଇଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ପ୍ରାୟ ୨୦୦ ହେକ୍ଟର ଜମିରେ ହୋଇଥିବା ଖରିଫ ଚାଷ ନଷ୍ଟ ହେବାକୁ ବସିଛି। ତୁରନ୍ତ ଦଳ ସଫା ନ ହେଲେ ବିକାଶ ପରିଷଦ ପକ୍ଷରୁ ଆନ୍ଦୋଳନ ହେବ। ଦାବିପତ୍ର ପ୍ରଦାନ ସମୟରେ ପରିଷଦର କାର୍ଯ୍ୟକର୍ତ୍ତା ମଦନମୋହନ ବେହେରା, ନାରାୟଣ ଚନ୍ଦ୍ର ମୁଦୁଲି, ଧରଣୀଧର ପରିଡା, କୈଳାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ଏହି ସମସ୍ୟାର ସମାଧାନ ପାଇଁ ଡ୍ରେନେଜ୍ ବିଭାଗକୁ ଜଣାଇ ଦିଆଯାଇଛି।

### ରାସ୍ତାରେ କୃତ୍ରିମ ପୋଖରୀ

ନୟାଗଡ଼ ଅଫିସ/ରଣପୁର,୨୬।୮ (ସ୍ୱ.ପ୍ର.): ରଣପୁର ଏନ୍‌ଏସିର ସୁଆସିଆ ସାହିରେ ରାସ୍ତା ଉପରେ କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ସାହିରେ ରାସ୍ତା ନିର୍ମାଣ ହୋଇଥିଲେ ମଧ ଡ୍ରେନ୍ ନାହିଁ। ଫଳରେ ୧ରୁ ୨ଫୁଟ ଉଚ୍ଚର ପାଣି ଜମି ରହୁଛି। ଅଞ୍ଚଳର ନର୍ଦ୍ଦମା ଜଳ ଓ ବର୍ଷାଜଳ ଜମିରହିବା କାରଣରୁ ମଶା ମାଛିଙ୍କ ପ୍ରକୋପ ବଢ଼ି ଚାଲିଛି। ଏ ନେଇ ଏନ୍‌ଏସି ନିର୍ବାହୀ ଅଧିକାରୀ ତାପଶ ବିଶୋଇଙ୍କୁ ପଚାରିବାରୁ ସୁଆସିଆସାହିରେ ଦେଖାଦେଇଥିବା ସମସ୍ୟା ସମାଧାନ କରାଯିବାକୁ ଉଦ୍ୟମ ଜାରି ରହିଥିବା ପ୍ରକାଶ କରିଛନ୍ତି।

### କୁମ୍ଭୀର ମୁହଁରୁ ବର୍ତ୍ତିଲା ଗାଈ

ଆଳି, ୨୬।୮ (ଡି.ଏନ.ଏ ): କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅନ୍ତର୍ଗତ ବାଳକାଟି ପଞ୍ଚାୟତର ସାନଆଙ୍କୋ ଗ୍ରାମ ଦେଇ ପ୍ରବାହିତ ଖରସ୍ରୋତା ନଦୀ କୂଳରୁ ବୁଧବାର ଗୋଟିଏ ଗାଈ କୁମ୍ଭୀର ମୁହଁରୁ ଖସିଯାଇଛି। ଭରତ ତରାଇଙ୍କ ଗାଈଟି ନଦୀ କୂଳରେ ଚରୁଥିବା ବେଳେ ପ୍ରାୟ ୧୨ ଫୁଟ୍ ଲମ୍ବର ଏକ କୁମ୍ଭୀର ହଠାତ୍ ଆସି ତାକୁ ନଦୀକୁ ଟାଣି ନେଉଥିଲା। ଏହା ଦେଖି ନିକଟରେ ଥିବା ଗ୍ରାମର ବିଶ୍ୱରଞ୍ଜନ ତରାଇ, ରମେଶ ରାଉତ ଓ ପ୍ରଶାନ୍ତ ସେଠୀ କୁମ୍ଭୀର ଉପରକୁ ଇଟା ଫୋପାଡ଼ି ଥିଲେ। ଫଳରେ କୁମ୍ଭୀର ଗାଈକୁ ଛାଡ଼ି ପାଣିକୁ ଚାଲିଯାଇଥିଲା। ଏହି ଆକ୍ରମଣରେ ଗାଈ ଖଣ୍ଡିଆଖାବରା ହୋଇଯାଇଥିଲା। ଗାଁ ଯୁବକମାନେ ଗାଈର ଚିକିତ୍ସା କରାଇଛନ୍ତି। ସୂଚନାଯୋଗ୍ୟ ଖରସ୍ରୋତା ଓ ବ୍ରାହ୍ମଣୀ ନଦୀରେ କୁମ୍ଭୀର ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ଗତ କିଛିଦିନ ପୂର୍ବେ ଖରସ୍ରୋତା ନଦୀରେ ଜଣେ ନାବାଳକଙ୍କୁ କୁମ୍ଭୀର ଟାଣି ନେଇଥିଲା। ଏହାର ପ୍ରତିକାର ପାଇଁ ବାରମ୍ବାର ଦାବି କରାଯାଇଥିଲେ ମଧ ଏପର୍ଯ୍ୟନ୍ତ ବନବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ।

# ବନ୍ୟା ଆଶଙ୍କା, କର୍ମଚାରୀଙ୍କ ଛୁଟି ବାତିଲ

ଯାଜପୁର ଟାଉନ, ୨୬।୮ (ଡି.ଏନ୍.ଏ.)

ବୈତରଣୀ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଥିବା ବେଳେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଜାରି ରହିଥିବା ବେଳେ ବୁଧବାର ସନ୍ଧ୍ୟାରୁ ବୈତରଣୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଏଥିଲାଗି ଜିଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରିଦିଆଯାଇଥିବା ବେଳେ ସଦର ମହକୁମା ଛାଡ଼ି ନ ଯିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ପରାମର୍ଶ ଦେଇଛନ୍ତି। ବୁଧବାର ରାତି ୯ଟା ସୁଦ୍ଧା ବୈତରଣୀର ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ଜିଲା ପ୍ରଶାସନ

**ବିପଦ ସଙ୍କେତ ଊର୍ଦ୍ଧ୍ୱରେ ବୈତରଣୀ**



ଦଶାଶ୍ୱମେଧ ଘାଟ।

ପକ୍ଷରୁ ସୂଚନା ମିଳିଛି। ଆନନ୍ଦପୁରଠାରେ ବିପଦସଙ୍କେତ ୩୮.୩୬ ମିଟର ରହିଥିବା ବେଳେ ୪୦.୨୭ ମିଟର ପାଣି ପ୍ରବାହିତ ହେଉଛି। ସେହିଭଳି ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ରହିଥିବା ବେଳେ ୧୮.୯୫ମିଟର ପାଣି ଚାଲୁଛି। ବଲ୍ଲଭିଘାଟଠାରେ ୧୩.୩୪ ମିଟର ବିପଦ ସଙ୍କେତ ହୋଇଥିବା ବେଳେ ଏଠାରେ ୧୩.୬୧ମିଟର ଏବଂ ଦଶରଥପୁରଠାରେ ୯.୫୨ ମିଟର ବିପଦସଙ୍କେତ ହୋଇଥିବା ବେଳେ ୧୧.୪ମିଟର ଉପରେ ପାଣି ଚାଲୁଥିବା ଜଣାପଡ଼ିଛି। ଆଗକୁ ଏହା ବୃଦ୍ଧି ପାଇବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଯାଜପୁରରୁ କୟାଁଗୋଲା ପର୍ଯ୍ୟନ୍ତ ନଦୀ ବନ୍ଧ ସୁଦୃଢ଼ ଥିବା ଜଳସେଚନ ବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ଦଶରଥପୁର ବ୍ଲକର ଅନେକ ସ୍ଥାନରେ ନଦୀବନ୍ଧ ଦୁର୍ବଳ ରହିଥିବା ଜଣାପଡ଼ିଛି। ଜିଲାପାଳ ରଞ୍ଜନ କୁମାର ଦାସ ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଦୁର୍ବଳ ସ୍ଥାନରେ ପ୍ରଶାସନ ଓ ଜଳସେଚନ ବିଭାଗ ପକ୍ଷରୁ ସଜାଗ ରହିବାକୁ ପରମର୍ଶ ଦେଇଛନ୍ତି।

## ନାବାଳିକାଙ୍କୁ ଗଣବଳାତ୍କାର ଅଭିଯୋଗ

ଏରସମା,୨୬।୮(ସ୍ୱ.ପ୍ର.)

ଏରସମା ଥାନା ଅଞ୍ଚଳର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତ ଫେରାର ଥିବା ତିର୍ତ୍ତୋଲ ଏସ୍‌ଡିପିଓ ଦୀପକ ରଞ୍ଜନ ଜେନା ସୂଚନା ଦେଇଛନ୍ତି।

ଅଭିଯୋଗ ମୁତାବକ, ନାବାଳିକା ଜଣକ ୨୪ ତାରିଖ ରାତିରେ ଘର ପାଖ ପୋଖରୀକୁ ଶୌଚ ହେବାକୁ ଯାଇଥିଲେ। ସେଠାରେ ୪ଜଣ ଯୁବକ ତାଙ୍କ ପାଟିରେ ଗାମୁଛା ପୂରାଇ ନିକଟସ୍ଥ ଜଙ୍ଗଲକୁ ନେଇ ବଳାତ୍କାର କରିଥିଲେ। ଝିଅ ନ ଫେରିବାରୁ ତାଙ୍କ ମା’ ଖୋଜିବାକୁ ଯାଇଥିଲେ। ତାଙ୍କୁ ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ୨୫ ତାରିଖରେ ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ଥାନା ପକ୍ଷରୁ ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଛି। ଏନେଇ ଏକ ମାମଲା (ନଂ-୧୫୯/୨୦) ରୁଜୁକରାଯାଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି ସୂଚନା ଦେଇଛନ୍ତି।

## ମହାନଦୀରେ ଭାସିଯାଉଥିବା ଚାଷୀ ସହ ୨ ବଳଦ ଉଦ୍ଧାର



ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ଚାଷୀଙ୍କୁ ଉଦ୍ଧାର କରାଯାଉଛି।

ଖଣ୍ଡପଡ଼ା/ଭାପୁର,୨୬।୮(ସ୍ୱ.ପ୍ର./ଡ଼ି.ଏନ.ଏ.)

ମହାନଦୀର ପ୍ରବଳ ଜଳ ସ୍ରୋତରେ ବୁଧବାର ଭାସିଯାଉଥିବା ଚାଷୀ ଓ ଦୁଇ ବଳଦକୁ ଭାପୁର ଦମକଳବାହିନୀ ଉଦ୍ଧାର କରିଛି। ପ୍ରକାଶ ଯେ, ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ପଥରଚକଡା ଗ୍ରାମର ଚାଷୀ ପଞ୍ଚୁ ଗୋଚ୍ଛି (୪୫) ଦୁଇଟି ବଳଦକୁ ନେଇ ନିଜ ବିଲରେ ମଇ ଦେଉଥିଲେ । ବିଲ କାମ ସାରି ଅପରାହ୍ନ ପ୍ରାୟ ୩ଟା ସମୟରେ ପଞ୍ଚୁ ବଳଦଙ୍କୁ ଗାଧୋଇଦେବା ନିମନ୍ତେ ନିକଟସ୍ଥ ମହାନଦୀକୁ ଯାଇଥିଲେ। ଏହି ସମୟରେ ବଳଦ ଦୁଇଟି ମହାନଦୀ ବନ୍ୟାପାଣି ସ୍ରୋତରେ ଭାସି ଯାଇଥିଲେ। ବଳଦଙ୍କୁ ଉଦ୍ଧାର ପାଇଁ ପଞ୍ଚୁ ନଦୀ ଗର୍ଭକୁ ପଶିଥିଲେ। ବଳଦଙ୍କ ଲାଙ୍ଗୁଡ ଧରି ସେ ନିଜ ଅୟତକୁ ଆଣୁଥିବାବେଳେ ନିୟନ୍ତ୍ରଣ ହରାଇ ଭାସିଯାଇଥିଲେ। କିଛିବାଟ ଭାସିଯାଇ ବଳଦ ଓ ଚାଷୀ ଏକ କୁଦରେ ଲାଗିଯାଇଥିଲେ। ଖବର ପାଇ ଭାପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୋଟର ବୋଟ ସାହାଯ୍ୟରେ ବଳଦ ସହ ଚାଷୀଙ୍କୁ ଉଦ୍ଧାର କରିଥିଲେ।

## ଜଳବନ୍ଦୀରେ ବହୁ ପରିବାର

ନାଉଗାଁ,୨୬।୮(ସ୍ୱ.ପ୍ର.)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ନାଉଗାଁ ବ୍ଲକର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ଚାଷ ଜମିରେ ପାଣି ଲହଡ଼ି ମାରୁଛି। ବ୍ଲକ ଅଧୀନ ଶିଖର ପଞ୍ଚାୟତ ୱାର୍ଡ ନଂ୩ର ମଠକୂଳ ବାହାଲିଆ ସାହିରେ ୧୦ ପରିବାର ଜଳବନ୍ଦୀରେ ରହିଥିବା ସୂଚନା ମିଳିଛି। ପଡ଼ାରେ ଥିବା କଚ୍ଚାଘର କାନ୍ଥରେ ପାଣି ଲାଗିଯିବାରୁ ଘର ଭାଙ୍ଗିବା ସମ୍ଭାବନା ରହିଛି। ଏହି ପଡ଼ାଟି ଦେବୀ ନଦୀକୂଳରେ ଅବସ୍ଥିତ। ପଡା ନିକଟରେ ବାଂଶ-ଶିଖର ପ୍ରଧାନମନ୍ତ୍ରୀ ସଡକ ଥିଲେ ମଧ ପଡ଼ାକୁ ମୁଖ୍ୟ ରାସ୍ତାରୁ ସଂଯୋଗୀକରଣ ରାସ୍ତା ନାହିଁ। ରାସ୍ତା ପାଇଁ ପଡ଼ାବାସୀ ବାରମ୍ବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ କେହି କର୍ଣ୍ଣପାତ କରୁ ନ ଥିବ ପଡ଼ାର ପବିତ୍ର ବାହାଲିଆ, ମଙ୍ଗୁଳି ବାହାଲିଆ, ଶଙ୍କର ବାହାଲିଆ ଓ ଜିତୁ ବାହାଲିଆ ପ୍ରମୁଖ ଅଭିଯୋଗ କରିଛନ୍ତି। ଉକ୍ତ ୧୦ ପରିବାର ପାଣିଘେରରେ ରହିଥିବାବେଳେ ଗୃହ ପାଳିତ ପଶୁ ବାହାରକୁ ବାହାରି ପାରୁ ନାହାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ ପାଇଁ ଦାବି କରାଯାଇଛି। ସେହିପରି ଉକ୍ତ ପଞ୍ଚାୟତର ଦାଣ୍ଡୁଆପଡିଆ ନିକଟରେ ଥିବା ୧୮ନଂ ୱାର୍ଡରେ ୧୫ରୁ ଊର୍ଦ୍ଧ୍ୱ ପରିବାର ପାଣି ଘେରରେ ଥିବା ଜଣାଯାଇଛି। ଶାଳିଜଙ୍ଗା ଗ୍ରାମର ଉର୍ମିଳା ମହାପାତ୍ରଙ୍କ ୨ ବଖରା କଚ୍ଚା ଘର ବର୍ଷାରେ ଭାଙ୍ଗିଯାଇଛି। ଜଳବନ୍ଦୀରେ ଥିବା ଜନସାଧାରଣଙ୍କୁ ସହାୟତା ଯୋଗାଇ ଦେବାପାଇଁ ସରପଞ୍ଚ ଅକ୍ଷୟ ଜେନା ବିଡିଓ ରଶ୍ମିରେଖା ମଲିକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେହିପରି ନୂଆଗାଁ ପଞ୍ଚାୟତ ଖଇରାବସ୍ତରେ ଥିବା ମୁଣ୍ଡାସାହିର ୧୦ରୁ ଊର୍ଦ୍ଧ୍ୱ ପରିବାର ପାଣିଘରରେ ଥିବା ଜଣାଯାଇଛି। ତିରୁଣା, ଡାବର, ଜାମୁଗାଁ, ଘୋଡାଂଶ, ଡେରିକି ଓ ଶିଖର ଆଦି ପଞ୍ଚାୟତର ଅଧିକାଂଶ ଚାଷ ଜମି ଜଳମଗ୍ନ ହୋଇଛି। ଜଳବନ୍ଦୀରେ ଥିବା ଲୋକଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

## ୧୫୦୦ ଟପିଲା ସଂକ୍ରମିତ ସଂଖ୍ୟା

ଜଗତ୍‌ସିଂହପୁର ଅଫିସ, ୨୬।୮

ଜଗତ୍‌ସିଂହପୁର ଜିଲାରେ କରୋନା ସଂକ୍ରମଣ ହୁହୁ ହୋଇ ବଢ଼ିଚାଲିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଜିଲାରେ ବୁଧବାର ୯୫ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ କରୋନା ସଂକ୍ରମିତ ସଂଖ୍ୟା ୧୫୭୪ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ସର୍ବାଧିକ ୨୯ ଜଣ କୁଜଙ୍ଗ ବ୍ଲକ ଅଞ୍ଚଳର ବୋଲି ଜଣାଯାଇଛି। ସେମାନଙ୍କ ମଧ୍ୟରୁ ପିପିଏଲ(ପାରାଦୀପ ଫସଫେଟ୍ ଲିମିଟେଡ୍)ର ୮ ଓ ଆଇଓସିଏଲ୍ (ଇଣ୍ଡିଆନ ଅଏଲ୍ କର୍ପୋରେଶନ୍ ଲିମିଟେଡ୍)ର ୬ ଜଣ ରହିଛନ୍ତି। ସେହିପରି ପାରାଦୀପର ୨୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୨ ଜଣ ପିପିଏଲ୍‌ର କର୍ମଚାରୀ ବୋଲି ଜଣାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ବ୍ଲକ ଅଞ୍ଚଳର ୯, ବାଲିକୁଦା ୯, ଜଗତ୍‌ସିଂହପୁର ୭, ରଘୁନାଥପୁର ୬, ନାଉଗାଁ ୫, ବିରିଡ଼ି ୨, ଏରସମା ୨, ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳର ଜଣେ ଚିହ୍ନଟ ହୋଇଛନ୍ତି।

## ଚାଷୀଙ୍କୁ ଭେଟିଲେ ଡ୍ରେନେଜ ବିଭାଗ ପ୍ରତିନିଧି



ଚାଷୀଙ୍କ ସହ ଡ୍ରେନେଜ୍ ବିଭାଗର ପ୍ରତିନିଧି ଦଳ ସଦସ୍ୟ ଆଲୋଚନା କରୁଛନ୍ତି।

**ଧାନ ଗଛ ଧରି ଚାଷୀ ରାସ୍ତାରେ ବସିବା ପ୍ରସଙ୍ଗ**

ରସୁଲପୁର, ୨୬।୮ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଧୀନ କୋଟପୁର ପଞ୍ଚାୟତ ନିକଟସ୍ଥ ଭାବିଲୋ-ସୋଲପାଟ ନାଳ ଉପରେ ନିର୍ମିତ ଆଡିବନ୍ଧ ଅଧାଗଢ଼ା ରହିଥିବାରୁ ହଜାର ହଜାର ଏକର ଧାନ ଜମି ଜଳମଗ୍ନ ହୋଇଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବୁଧବାର ଡ୍ରେନେଜ୍ ବିଭାଗର ଏକ ପ୍ରତିନିଧି ଦଳ ଉକ୍ତ ସ୍ଥାନ ପରିଦର୍ଶନ କରିଛନ୍ତି। ଉପଖଣ୍ଡ ଅଧିକାରୀ ପ୍ରିୟବ୍ରତ ବେହେରାଙ୍କ ନେତୃତ୍ୱରେ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ସେଠୀଙ୍କ ସହ ସର୍ବେକ୍ଷଣ କରିବା ପାଇଁ ୪ଜଣ ଏକ୍ସପର୍ଟ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ଅଞ୍ଚଳର ଚାଷୀ ଧୋଇନ ସାହୁ, ବୈରାଗୀ ରାଉଳ, ପରିନ୍ଦ୍ର ଦାସ, ଶ୍ରୀରାମ ରାଉଳ, ଶୈଳେନ୍ଦ୍ର ଦାସ, ନାରଣ ରାଉଳ, ଉମା ସାହୁ, ହିମାଂଶୁ ଶେଖର ସାହୁ ପ୍ରମୁଖଙ୍କ ସହ ଆଲୋଚନା କରି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସେଲପାଟରୁ ଜଳ ନିଷ୍କାସନ କରାଯିବା ପାଇଁ ଚାଷୀମାନେ ଦାବି କରିଥିଲେ। ଏ ନେଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ପଦକ୍ଷେପ ନିଆଯିବ ଏବଂ ତତ୍‌କ୍ଷଣାତ ସମସ୍ୟାର ସମାଧାନ ପାଇଁ ସ୍ଲୁଇସ ଗେଟ୍ ଦେଇ ଜଳ ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉପଖଣ୍ଡ ଅଧିକାରୀ ବେହେରା ପ୍ରକାଶ କରିଛନ୍ତି। ଜମି ଅଧିଗ୍ରହଣ କାର୍ଯ୍ୟ ହୋଇପାରି ନ ଥିବାରୁ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରି ନାହିଁ। ଫଳରେ ଏଭଳି ସମସ୍ୟା ଉପୁଜିଛି ବୋଲି ଜଣାପଡ଼ିଛି।

## ଡକାୟତି ଉଦ୍ୟମ ପଣ୍ଡ, ୬ ଗିରଫ

ଚଣ୍ଡିଖୋଲ, ୨୬।୮ (ଡ଼ି.ଏନ୍.ଏ.)

ବଡ଼ଚଣା ଥାନା ଅଧୀନ ଚଣ୍ଡିଖୋଲ ଛକ ନିକଟ ଏକ ପରିତ୍ୟକ୍ତ ଘରେ ଡକାୟତ ପାଇଁ ଯୋଜନା କରୁଥିବା ବେଳେ ମଙ୍ଗଳବାର ରାତିରେ ବଡ଼ଚଣା ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଚନ୍ଦ୍ରପୁର ଥାନା ଅଧୀନ ପଲେଇ ଗ୍ରାମର ସରୋଜ ବେହେରା ଓ ଦିନବନ୍ଧୁ ଦଳାଇ, ଚଣ୍ଡିଖୋଲ ଥାନା ଅଧୀନ ବନ୍ଦରେଶ୍ୱର ଗ୍ରାମର କୁନ୍ଦନ ପ୍ରସାଦ ଦାସ, ଗୋବଣ୍ଡିଆ ଗ୍ରାମର ସୁବୋଧ ନାୟକ ଓ ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଅଧୀନ କୁଣ୍ଡାଇ ଗ୍ରାମର ଜୟକିଶନ ଜେନା ଏବଂ ସ୍ୱରୂପ ସାହୁ। ଗିରଫ ବ୍ୟକ୍ତିମାନଙ୍କ ନିକଟରୁ ପୋଲିସ ୪ଟି ଛୁରୀ, ଗୋଟିଏ ଦେଶୀ ବନ୍ଧୁକ ଓ ଗୋଟିଏ ନମ୍ବର ବିହୀନ ବାଇକ୍ ପୋଲିସ ଜବତ କରିଛି। ବଡ଼ଚଣା ପୋଲିସ କେସ୍ ନଂ. ୨୫୨/୨୦ରେ ଏକ ମାମଲା ରୁଜୁକରି ଗିରଫ ୬ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି।

## ଯୁବକଙ୍କୁ ଆକ୍ରମଣ ଘଟଣାରେ ଏଏସ୍‌ଆଇ, କନଷ୍ଟେବଳ ନିଲମ୍ବିତ

କଳିଙ୍ଗନଗର,୨୬।୮( ଡି.ଏନ୍.ଏ.)

ଯାଜପୁର ଜିଲାର ଦାନଗଦୀ ଫାଣ୍ଡି ଏଏସ୍‌ଆଇ ମନୋରଞ୍ଜନ ନାୟକ ଏବଂ କନଷ୍ଟେବଳ କାର୍ତ୍ତିକ ମଲିକଙ୍କୁ ମଙ୍ଗଳବାର ରାତିରେ ଏସ୍‌ପି ଚରଣ ସିଂ ମିନା କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ନିଶାସକ୍ତ ଅବସ୍ଥାରେ ଯୁବକମାନଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଉଭୟଙ୍କୁ ନିଲମ୍ବିତ କରାଯାଇଛି ବୋଲି ଏସ୍‌ପିଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ମନୋରଞ୍ଜନ ଓ କାର୍ତ୍ତିକ ଗତ ସୋମବାର ଦାନଗଦୀର ତ୍ରିଜଙ୍ଗା ଜଙ୍ଗଲରେ ବସି ଭୋଜି ସହ ମଦ୍ୟପାନ କରୁଥିଲେ। ଏହି ସମୟରେ ସ୍ଥାନୀୟ ଯୁବକ ସେମାନଙ୍କ ଫଟୋ ଉଠାଇଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉଭୟ ପୋଲିସ କର୍ମଚାରୀ ୪ ଜଣ ଯୁବକଙ୍କୁ ଆକ୍ରମଣ କରିଥିଲେ। ଖବରପାଇ ସ୍ଥାନୀୟ ଲୋକେ ସନ୍ଧ୍ୟାରେ ଦାନଗଦୀ ଫାଣ୍ଡି ଘେରାଉ କରିଥିଲେ। ଏସ୍‌ପି ମୀନା ଏହା ଜାଣିବା ପରେ ଉଭୟଙ୍କୁ ନିଲମ୍ବନ କରିଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ଧର୍ମଶାଳା, ୨୬।୮ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜଳେଶ୍ୱରପୁର ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ବୁଧବାର ପୋଲିସ ଉଦ୍ଧାର କରିଛି। ମୃତକ ସ୍ଥାନୀୟ ବଡବାରିସାହି ଗ୍ରାମର ଭରତ ମଳିକଙ୍କ ପୁଅ ଜଗନ ମଳିକ(୧୯) ବୋଲି ଜଣାପଡିଛି। ଜଗନ ଗତ ଲକ୍‌ଡାଉନ ସମୟରୁ ଜଳେଶ୍ୱରପୁରସ୍ଥିତ ତାଙ୍କର ସମ୍ପର୍କୀୟ ବଡବାପାଙ୍କ ଘରେ ରହୁଥିଲେ। ସେଠାରେ ଜଣେ ନାବାଳିକାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମଙ୍ଗଳବାର ନାବାଳିକାଙ୍କ ଭାଇ ଏ ସମ୍ପର୍କରେ ଜାଣିପାରି ଜଗନକୁ ଧମକ ଚମକ ଦେଇଥିଲେ। ଏହାପରେ ଜଗନ କେଉଁଆଡେ ଚାଲିଯାଇଥିଲା। ହେଲେ ବୁଧବାର ସକାଳୁ ବାଡ଼ି ପଛପଟ କାଜୁ ବଗିଚାରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ସମ୍ପୃକ୍ତ ନାବାଳିକାଙ୍କ ବାପା ଓ ଭାଇ ଜଗନଙ୍କୁ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଭରତ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ୩୨୯/୨୦ନଂ. ରେ ମାମଲା ରୁଜୁ କରି ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣାରେ ସମ୍ପୃକ୍ତା ନାବାଳିକାଙ୍କ ବାପା ଓ ଭାଇ ଥାନାରେ ଅଟକ ଥିବା ଜଣାପଡ଼ିଛି।

## ଘର ଭୁଶୁଡ଼ିଲା, ଲୋକେ ଜଳବନ୍ଦୀ

ସିଂହପୁର, ୨୬।୮ (ଡି.ଏନ୍.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷା ଓ ଖରସ୍ରୋତା ନଦୀର ବନ୍ୟାପାଣିରେ ବିଞ୍ଝାରପୁର ବ୍ଲକର କେତେକ ପଞ୍ଚାୟତରେ ମାଟିଘର ଭୁଶୁଡି ପଡ଼ିବା ସହ ଲୋକେ ଜଳବନ୍ଦୀ ହୋଇରହିଛନ୍ତି। ଜରୀ ପଞ୍ଚାୟତ ନାଉବାଙ୍କ ଗ୍ରାମର ପ୍ରେମାନନ୍ଦ ଧଳ, ପ୍ରଫୁଲ୍ଲ ଧଳ, ବାବନ ଜେନା, ନେମରା ଗ୍ରାମର ଆନନ୍ଦ ଜେନା, ହଳଦୀଡିହ ପଞ୍ଚାୟତ ଫଳପୁର ଗ୍ରାମର ଦାଶରଥି ଗୁରୁ, ସର୍ବେଶ୍ୱର ସାମଲ ପ୍ରମୁଖଙ୍କ କଚ୍ଚା ଘର ଭାଙ୍ଗିଥିବା ସୂଚନା ମିଳିଛି। ବର୍ଷାରେ ହଳଦୀଡ଼ିହ ପଞ୍ଚାୟତର ଫଳପୁର, ଅଣ୍ଡାଲୋ, ବାଙ୍ଗରା ପଞ୍ଚାୟତର କଣ୍ଟିତର ମଲିକ ସାହିର ୩୦ ପରିବାର, କପିଳା ପଞ୍ଚାୟତ ଗୁହାଳୀ ଗ୍ରାମ, ବଦୀ ପ୍ରଭୃତି ଗ୍ରାମରେ ବର୍ଷା ପାଣି ଭର୍ତ୍ତି ହୋଇ ରହିଥିବାରୁ ବହୁ ଲୋକ ଜଳବନ୍ଦୀ ହୋଇରହିଛନ୍ତି।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର

ନୟାଗଡ଼ ଅଫିସ,୨୬।୮

ଲଗାଣ ବର୍ଷାରେ ଖଣ୍ଡପଡା ବ୍ଲକ ଗୁଣ୍ଠୁଣି ଖଜୁରିସାହିର ବାଇନ ଦାସଙ୍କ ଘର ଭାଙ୍ଗିଯାଇଛି। ଫଳରେ ୪ପ୍ରାଣୀ କୁଟୁମ୍ବ ଏବେ ଖୋଲା ଆକାଶ ତଳେ ଆଶ୍ରୟ ନେଇଛନ୍ତି। ବାଇନ ଜଣେ ଗରିବ ଲୋକ। ପରଘରେ କାମଧନ୍ଦା କରି ପରିବାର ଚଳାନ୍ତି। ଅର୍ଥାଭାବରୁ ଘରଟିକୁ ମଧ ମରାମତି କରିପାରି ନ ଥିଲେ। ଆବାସ ଯୋଜନାରେ ଘରଟିଏ ପାଇଁ ସେ ସରପଞ୍ଚ, ବିଡିଓ, ଜିଲାପାଳଙ୍କୁ ବିଭିନ୍ନ ସମୟରେ ଭେଟିଛନ୍ତି। ସମସ୍ତଙ୍କଠାରୁ ପ୍ରତିଶ୍ରୁତି ମିଳିଥିଲେ ବି ତାଙ୍କୁ ଘରଟିଏ ମିଳିଲା ନାହିଁ ବୋଲି ବାଇନ କ୍ଷୋଭର ସହ କହିଛନ୍ତି। ଫଳରେ ଭଙ୍ଗାଘର ଉପରେ ପାଲ ପକାଇ ପରିବାର ଲୋକେ ଦିନ କାଟୁଥିଲେ। ଏପରିସ୍ଥଳେ ୪ଦିନ ଧରି ଲଗାଣ ବର୍ଷା ଯୋଗୁ ବୁଧବାର ପୂର୍ବାହ୍ନରେ ଘରଟି ଭୁଶୁଡିପଡିଛି। ଯାହାକିଛି ଆସବାବପତ୍ର ଥିଲା ତାହା ମଧ

**ଖୋଲା ଆକାଶ ତଳେ ୪ ପ୍ରାଣୀ କୁଟୁମ୍ବ**



ଭାଙ୍ଗିଯାଇଥିବା ଘର।

ମାଟିରେ ମିଶିଯାଇଛି। ସୌଭାଗ୍ୟବଶତଃ କାହାର କ୍ଷତିହୋଇ ନ ଥିବା ଜଣାପଡିଛି। ବର୍ଷା ଯୋଗୁ ଏହି ପରିବାର ପରଘର ବାରଣ୍ଡାରେ ଆଶ୍ରୟ ନେଇଛନ୍ତି।

# ରାସ୍ତା ଖୋଳାକୁ ନେଇ ବିବାଦ

ନୟାଗଡ଼ଅଫିସ/ରଣପୁର,୨୬।୮(ସ୍ୱ.ପ୍ର.)

ରାସ୍ତା ଖୋଳାଯିବାକୁ ନେଇ ରଣପୁର ବ୍ଲକର ବାଲିଆ ଓ ରାଧାମୋହନପୁର ଗାଁ ମଧରେ ବିବାଦ ଦେଖାଦେଇଛି। ଏ ନେଇ ରାଜସୁନାଖଳା ଫାଣ୍ଡିରେ ଅଭିଯୋଗ ହୋଇଥିଲେ ମଧ ସୁଫଳ ମିଳି ନ ଥିବା କୁହାଯାଉଛି। ରାଧାମୋହନପୁରର ଗୁଣନିଧି ପ୍ରଧାନଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଗାଁ ତାଳକଣି ପଞ୍ଚାୟତରେ ଥିବାବେଳେ ବାଲିଆ ଗାଁ ଖଇରପଲ୍ଲୀ ପଞ୍ଚାୟତରେ ଅଛି। ଗାଁ ରାସ୍ତାକୁ ନେଇ ଦୁଇ ଗାଁ ମଧରେ ବିବାଦ ଲାଗିରହିଥିଲା। ଏ ନେଇ ଅଭିଯୋଗ ପରେ ଥାନାରେ ସମାଧାନ ହୋଇଥିଲା। ଉଭୟ ଗାଁର ଲୋକ ସରକାରୀ ଅନୁଦାନକୁ ନେଇ ରାସ୍ତା ନିର୍ମାଣ କରିବେ। ତେବେ ବାଲିଆ ଗାଁ ଲୋକ ଗଣ୍ଡଗୋଳ କରି ନିମ୍ନମାନର ରାସ୍ତା ନିର୍ମାଣ କଲେ। ହେଲେ ସେହି ରାସ୍ତାରେ ଆମ ଗାଁ ଲୋକଙ୍କୁ ଛାଡିଲେ ନାହିଁ। ପୁଣି ବୁଧବାର ସକାଳୁ ଜେସିବି ଲଗାଇ ଗାଁ ରାସ୍ତାକୁ କାଟି ଦେଇଛନ୍ତି। ଫଳରେ ଆମ ଗାଁ ଲୋକ ଯିବାଆସିବା କରିପାରୁ ନାହାନ୍ତି। ଏ ନେଇ ପୋଲିସ ଓ ପ୍ରଶାସନକୁ ଅଭିଯୋଗ ସତ୍ତ୍ୱେ ସୁଫଳ ମିଳିନି। ଏହାର ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ। ବାଲିଆ ଗାଁର ସମିତି ସଭ୍ୟ ଦୁଃଶାସନ ଜେନା କୁହନ୍ତି, ୮ମାସ ହେଲା ଦୁଇ ଗାଁ ମଧରେ ବିବାଦ ଲାଗି ରହିଥିଲା। ପ୍ରଶାସନର ସହଯୋଗ ପରେ ରାସ୍ତା ନିର୍ମାଣ ହେଲା। ଆମ ଗାଁର ଚାଷୀଙ୍କ ଜମି ରାଧାମୋହନପୁର ଅଞ୍ଚଳରେ ଥିବାବେଳେ ଚାଷୀଙ୍କୁ ଚାଷ କରିବାର ସୁବିଧା ଦେଉ ନାହାନ୍ତି। ଟ୍ରାକ୍ଟର ନେଇ ଗଲେ ଅଟକ କରି ରଖୁଛନ୍ତି। ଅନ୍ୟପକ୍ଷେ ଆମ ଜମିରେ ଜବରଦସ୍ତି ରାସ୍ତା କରି ଯାତାୟାତ କରୁଛନ୍ତି। ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଛି।



ରାସ୍ତା ଖୋଳିଦିଆ ଯାଇଛି।

**ବରୀରେ ବନ୍ୟା ଆଶଙ୍କା: ପ୍ରଶାସନର ତତ୍ପରତା**

ବରୀ,(ଡି.ଏନ୍.ଏ.)- ବରୀ ଅଞ୍ଚଳରେ ବନ୍ୟା ଆଶଙ୍କାକୁ ଦୃଷ୍ଟିରେ ରଖି ବ୍ଲକ୍ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତଳିଆ ଅଞ୍ଚଳବାସୀଙ୍କୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଇଛି। ଖରସ୍ରୋତାର ଶାଖା ବୁଧେଇ ନଦୀରେ ବନ୍ୟା ଆସିବା ଫଳରେ ବରୀ ବ୍ଲକର ୯ରୁ ଊର୍ଦ୍ଧ୍ୱ ପଞ୍ଚାୟତ ଜଳମଗ୍ନ ହୋଇରହିଛି। ସେହିପରି ବାହ୍ମଣୀ ନଦୀରେ ଜଳସ୍ତର ବିପଦ ସଙ୍କେତ ଉପରେ ରହିଛି। ଏହି ନଦୀରେ ବିପଦ ସଙ୍କେତ ୧୭.୮୩ ମିଟର ଥିବା ବେଳେ ଆଖୁଆପଦାଠାରେ ବୁଧବାର ସଂଧ୍ୟା ୫ଟା ସୁଦ୍ଧା ୧୮.୬୭ ମିଟର ଥିଲା। ସେହିପରି ଆନନ୍ଦପୁରଠାରେ ବିପଦ ସଙ୍କେତ ୩୮.୩୬ ମିଟର ଥିବାବେଳେ ୩୯.୮୦ ମିଟର ଉଚ୍ଚରେ ଜଳ ପ୍ରଭାହିତ ହେଉଛି।

## ସଂକ୍ଷେପରେ

### ରାଜେନ୍ଦ୍ରପୁରରୁ ବିରଳ ପ୍ରଜାତିର ସାପ ଉଦ୍ଧାର



ରସୁଲପୁର, ୨୬।୮ (ଡି.ଏନ୍.ଏ.): ରସୁଲପୁର ବ୍ଲକ ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତ କରଜଙ୍ଗା ଗ୍ରାମର କଳ୍ପତରୁ ସାହୁଙ୍କ ବାଡ଼ିରୁ ଏକ ବିରଳ ପ୍ରଜାତିର ସାପ ବୁଧବାର ଉଦ୍ଧାର କରାଯାଇଛି। ସକାଳ ସାଢେ ୬ଟାରେ କଳ୍ପତରୁ ସାପଟିକୁ ତାଙ୍କ ବାଡିରେ ଚାଲୁଥିବାର ଦେଖିଥିଲେ। ସାପଟିର ଲମ୍ବ ପ୍ରାୟ ୨୦ ଫୁଟ ହେବ। ସାପଟିକୁ ଉଦ୍ଧାର କରାଯାଇ ବନ ବିଭାଗକୁ ଖବର ଦିଆଯାଇଥିବା ସୂଚନା ମିଳିଛି।

### ବିଧାୟିକାଙ୍କ ମନ୍ତବ୍ୟକୁ ଭାଜପା ଓ କଂଗ୍ରେସର ନିନ୍ଦା

ବରୀ, ୨୬।୮ (ଡି.ଏନ୍.ଏ.): ବରୀ ବିଧାୟିକା ସୁନନ୍ଦା ଦାସ ନିକଟରେ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ଯୋଗଦେବା ଅବସରରେ ଜଣେ ମହିଳାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେବାକୁ ନେଇ ଭାଜପା ଓ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି। ଏହି ମର୍ମରେ ଭାଜପା ପକ୍ଷରୁ ବରୀ ବ୍ଲକ ଅଧକ୍ଷା ଶୁଭାସିନୀ ଶର୍ମା ଓ କଂଗ୍ରେସ ନେତା ଉମେଶ ଜେନାଙ୍କ ପକ୍ଷରୁ ବୁଧବାର ପୃଥକ୍ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଜଣେ ମହିଳା ଅନ୍ୟ ଜଣେ ମହିଳାଙ୍କୁ ଆକ୍ଷେପ କରି ଏଭଳି ମନ୍ତବ୍ୟ ଦେବା ସମଗ୍ର ନାରୀ ସମାଜର ଆତ୍ମସମ୍ମାନକୁ କୁଠାରାଘାତ କରିଛି। ଏଭଳି ମନ୍ତବ୍ୟ ପାଇଁ ସର୍ବସାଧାରଣରେ ନାରୀ ସମାଜକୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଅଧକ୍ଷା ଶର୍ମା ଓ କଂଗ୍ରେସ ନେତା ଜେନା କହିଛନ୍ତି।

### ଜେଲ ଗଲେ ୩ ବାଇକ୍ ଚୋର

ନୟାଗଡ଼ ଅଫିସ/ରଣପୁର,୨୬।୮ (ସ୍ୱ.ପ୍ର.): ରଣପୁର ଥାନା ପୋଲିସ ବୁଧବାର ୩ ବାଇକ୍ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ହେଲେ ଗୋଡିପଡା ଫାଣ୍ଡି କଇଁଫୁଲିଆ ଗାଁର ବୁଲୁ ସେନାପତି। ଅନ୍ୟ ଦୁଇଜଣଙ୍କ ପରିଚୟ ମିଳିପାରି ନାହିଁ। ଏମାନଙ୍କଠାରୁ ଏକ ଦେଶୀ ବନ୍ଧୁକ ଓ ଗୁଳି ସହ ୫ ବାଇକ୍ ଜବତ ହୋଇଛି। ରଣପୁର ଆଖପାଖ ଅଞ୍ଚଳରୁ ବାଇକ୍ ଚୋରି ନେଇ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାରେ ବୁଲୁ ସମ୍ପୃକ୍ତ ଥିବା ଜାଣିପାରି ପୋଲିସ ତାଙ୍କୁ ନିଜ ହେପାଜତକୁ ନେଇ ତଦନ୍ତ କରୁଥିଲା।

### ନୟାଗଡ଼ରେ ୧୭୧ ଆକ୍ରାନ୍ତ ଚିହ୍ନଟ

ନୟାଗଡ଼ ଅଫିସ,୨୬।୮: ବୁଧବାର ନୟାଗଡ ଜିଲାରୁ ୧୭୧କରୋନା ଆକ୍ରାନ୍ତ ଚିହ୍ନଟ ପରେ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୫୬୪ରେ ପହଞ୍ଚିଛି। ନୟାଗଡ଼ ବ୍ଲକ କାର୍ଯ୍ୟାଳୟର କେତେଜଣ କର୍ମଚାରୀ କରୋନା ଆକ୍ରାନ୍ତ ଚିହ୍ନଟ ପରେ ନୟାଗଡ ତହସିଲଦାର ବୁଧବାର ଓ ଗୁରୁବାର ବ୍ଲକ ଅଫିସକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ବିଶୋଧନ କରାଯିବ।

### ବିଦ୍ୟୁତ୍ ଆଘାତରେ ଜୀବନ ଗଲା

ଜଗତ୍‌ସିଂହପୁର ଅଫିସ,୨୬।୮: ବିଦ୍ୟୁତ୍ ଆଘାତରେ ରଘୁନାଥପୁର ଥାନା ଅଞ୍ଚଳର ଜଣଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପୁରୁଣାବସନ୍ତ ଦେଉଳୀସାହିର ବିଭୂତି ଭୂଷଣ ରାଉତ(୪୦)। ବର୍ଷା ଲାଗି ରହିଥିବାବେଳେ କୌଣସି କାରଣରୁ ତାଙ୍କ ଘରର ବିଭିନ୍ନ ବିଦ୍ୟୁତ୍ ସୁଇଚ୍ ଓ ମୋଟର ଆଦି ସଟ୍ ହୋଇ ଯାଇଥିଲା। ରାଉତ ମୋଟର ଲଗାଇ କିଛି କାମ କରୁଥିବା ବେଳେ କୌଣସିମତେ ଏହା ସହ ଲାଗି ରହିଥିବା ଲୁହା ସାମଗ୍ରୀ ସଂସ୍ପର୍ଶରେ ଆସି ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ତିଆରି ହେଲାନି ସଂଯୋଗୀକରଣ ରାସ୍ତା

**ତାରିନଙ୍ଗଳ ସେତୁ ନିର୍ମାଣକୁ ୨ ବର୍ଷ ପୂରିଲା**

- ସଂଯୋଗୀକରଣ ରାସ୍ତା ପାଇଁ ହୋଇପାରିଲାନି ଜମି ଅଧିଗ୍ରହଣ
- ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ଲୋକେ

ଚଣ୍ଡିଖୋଲ, ୨୬।୮ (ଡି.ଏନ୍.ଏ.)



ପାଣିରେ ପଶି ଲୋକେ ଯା’ଆସ କରୁଛନ୍ତି।

ଯାଜପୁର-୨ (ଜାରକା) ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଥିବା ବାଉଜଙ୍ଗ-ଧାଉଡିଆପଦା ରାସ୍ତାର ବିରୂପା ନଦୀ ଉପରେ ଚାରିନଙ୍ଗଳଠାରେ ସେତୁ ନିର୍ମାଣ ଦୁଇ ବର୍ଷ ହେବ ସରିଲାଣି। ହେଲେ ଏ ପର୍ଯ୍ୟନ୍ତ ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରିନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଏବେ ଜମି ଅଧିଗ୍ରହଣ ପାଇଁ ଆବେଦନ ହେଉଥିବା ଜଣାପଡ଼ିଛି। ଜମି ଅଧିଗ୍ରହଣ ପାଇଁ ଆବଶ୍ୟକ ଅର୍ଥରାଶି ଯୋଗାଇ ଦେବାକୁ ଯାଜପୁର-୨ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖିଥିବା ଜଣାଯାଇଛି।

ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବଡ଼ଚଣା ବ୍ଲକର ବାଉଜଙ୍ଗ-ଧାଉଡିଆପଦା ରାସ୍ତା ରହିଛି। ଏହି ରାସ୍ତାର ବିରୂପା ନଦୀ ଉପରେ ସେତୁ ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ଦାବି ହେବା ପରେ ୨୦୧୬ ଅକ୍ଟୋବର ୨୧ରେ ୧୩ କୋଟି ୭୭ ଲକ୍ଷ ୬୩ ହଜାର ଟଙ୍କା ବ୍ୟୟରେ ସେତୁ ନିର୍ମାଣ ପାଇଁ ବିଭାଗୀୟ ମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ୨୦୧୮ ଶେଷ ବେଳକୁ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ହେଲେ ଇତିମଧ୍ୟରେ ୨ ବର୍ଷ ବିତି ଯାଇଥିଲେ ବି ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇପାରିନାହିଁ। ସେତୁ ନିର୍ମାଣ ଆରମ୍ଭରୁ ଏହାର ବାମ ଓ ଦକ୍ଷିଣ ପାର୍ଶ୍ୱରେ ଜମି ଅଧିଗ୍ରହଣର ଆବଶ୍ୟକତା ଥିବା ବେଳେ ଅଦ୍ୟାବଧି ଏହା ହୋଇପାରିନାହିଁ। ଏ ନେଇ ଗତ ୨୦ ତାରିଖରେ ଚିଠି ନଂ. ୨୩୭୭ରେ ଜାରକା ଡିଭିଜନର ନିର୍ବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାହୁ ଗ୍ରାମ୍ୟଉନ୍ନୟନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ବାମ ପାର୍ଶ୍ୱ ଜମି ଅଧିଗ୍ରହଣ ପାଇଁ ୫୯,୩୬,୯୮୯ ଟଙ୍କା ଆବଶ୍ୟକ ଥିବା ଜଣାଇଥିବା ବେଳେ ଦକ୍ଷିଣ ପାର୍ଶ୍ୱ ପାଇଁ ୨,୨୯,୦୯,୯୨୦ ଟଙ୍କା ଆବଶ୍ୟକ ରହିଥିବା ଉଲ୍ଲେଖ କରିଛନ୍ତି। କରୋନା ପାଇଁ ଆର୍ଥିକ ସମସ୍ୟା ଉପୁଜିଥିବା ହେତୁ ଜରୁରୀକାଳୀନ ଭିତ୍ତିରେ ବାମପାର୍ଶ୍ୱ ଜମି ଅଧିଗ୍ରହଣ ପାଇଁ ଆବଶ୍ୟକ ୫୯ ଲକ୍ଷ ୩୬ ହଜାର ଟଙ୍କା ଯୋଗାଇ ଦେବା ପାଇଁ ଅନୁରୋଧ କରିଛନ୍ତି। ବାମ ପାର୍ଶ୍ୱରେ ଏକ ଏକର ୯ ଡିସିମିଲ ଜମିର ଆବଶ୍ୟକ ରହିଥିବା ବେଳେ ଦକ୍ଷିଣ ପାର୍ଶ୍ୱରେ ୯୬୩ ଡିସିମିଲ ଜମିର ଆବଶ୍ୟକତା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ସେତୁକୁ ମଞ୍ଜୁରୀ ମିଳିବା ସମୟରେ ସ୍ଥିରୀକୃତ ସ୍ଥାନକୁ ବିଭାଗୀୟ ଅଧିକାରୀମାନେ ମନଇଚ୍ଛା ପରିବର୍ତ୍ତନ କରିବା ଯୋଗୁ ଏବେ ସେତୁ ସଂଯୋଗୀକରଣ ରାସ୍ତା ନିର୍ମାଣରେ ସମସ୍ୟା ଉପୁଜି ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିଯୋଗୁ ସେତୁ ନିର୍ମାଣ ସରିଥିଲେ ମଧ ଲୋକେ ଦୁଇ ବର୍ଷ ହେବ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ବୋଲି ସେତୁ କ୍ରିୟାନୁଷ୍ଠାନ କମିଟି ସଭାପତି ତଥା କଂଗ୍ରେସ ନେତା ଅଜୟ ସାମଲ କହିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଭାସ୍କର ସାହୁଙ୍କୁ ପଚାରିବାରୁ ଜମି ଅଧିଗ୍ରହଣ ସମସ୍ୟା ରହିଥିବାରୁ ସଂଯୋଗୀକରଣ ରାସ୍ତା ହୋଇପାରିନାହିଁ। ଜମିଅଧିଗ୍ରହଣ ପାଇଁ ଆବଶ୍ୟକ ଟଙ୍କା ଯୋଗାଇଦେବାକୁ ବିଭାଗକୁ ଚିଠି ଲେଖାଯାଇଥିବା କହିଛନ୍ତି।

# ଗୋଟିଏ ଦିନରେ ୧୭୩ ସଂକ୍ରମିତ

- ୯୭ ପ୍ରତିଶତ ସ୍ଥାନୀୟ ସଂକ୍ରମଣ
- ବନ୍ଦ ହେଲା କରୋନା ଆଣ୍ଟିଜେନ୍ ଟେଷ୍ଟ

ଯାଜପୁର ଅଫିସ,୨୬।୮

ଯାଜପୁର ଜିଲାରେ ମଙ୍ଗଳବାର ହୋଇଥିବା ପରୀକ୍ଷାରେ ୧୭୩ ଜଣ କରୋନା ସଂକ୍ରମିତ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି । ଏଥିରେ ଧର୍ମଶାଳା ବ୍ଲକର ୮ଜଣ ଥିବା ବେଳେ ବ୍ୟାସନଗର ପୌର ପରିଷଦର ୧୫, ଯାଜପୁର ବ୍ଲକର ୧୭, ବଡଚଣା ବ୍ଲକର ୧୨, ଯାଜପୁର ପୌରପରିଷଦର ୧୪, ସୁକିନ୍ଦା ବ୍ଲକର ୧୭ ଜଣ ରହିଛନ୍ତି। ସେହିପରି ବିଞ୍ଝାରପୁରର ୬, କୋରେଇର ୧୭, ଦାନଗଦିର ୧୧, ବରୀର ୮, ରସୁଲପୁର ବ୍ଲକ ୨୧, ଦଶରଥପୁର ୨୪ ଓ ଭଦ୍ରକ ଜିଲାର ୩ ଜଣ ସଂକ୍ରମିତ ହୋଇଥିବା ସୂଚନା ଦିଆଯାଇଛି। ଏଥିମଧ୍ୟରୁ ୧୬୮ ଜଣ ଅର୍ଥାତ୍ ୯୭ ପ୍ରତିଶତ ସ୍ଥାନୀୟ ସଂକ୍ରମଣ ବୋଲି ଜଣାପଡିଛି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୩୩୦୫ରେ ପହଞ୍ଚିଛି।

ଅନ୍ୟପଟେ ବୁଧବାରଠାରୁ ଜିଲାରେ କରୋନା ଆଣ୍ଟିଜେନ୍ ଟେଷ୍ଟ ବନ୍ଦ ହୋଇଯାଇଛି। ଏହି ମର୍ମରେ ଜିଲା ପ୍ରଶାସନ ପକ୍ଷରୁ ମାଇକ ଯୋଗେ ପ୍ରଚାର କରାଯିବା ପରେ ଜିଲାବାସୀଙ୍କ ମଧ୍ୟରେ ନାନା ସଂଶୟ ସୃଷ୍ଟି ହୋଇଛି। ଦୈନିକ ହଜାର ହଜାର ଆଣ୍ଟିଜେନ୍ ଟେଷ୍ଟ ହୋଇପାରୁ ଥିବାରୁ ଲୋକଙ୍କ ଶରୀରରେ କରୋନା ରୋଗର ସ୍ଥିତି ସମ୍ପର୍କରେ ତୁରନ୍ତ ଜଣାପଡୁଥିଲା। ଏପରିକି ବ୍ୟାସନଗର ପୌର ପରିଷଦରେ ସମସ୍ତ ବ୍ୟବସାୟିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ଆସନ୍ତା ଅଗଷ୍ଟ ୩୧ ତାରିଖ ସୁଦ୍ଧା ଆଣ୍ଟିଜେନ୍ ପରୀକ୍ଷା କରିବାକୁ ଘୋଷଣା କରାଯାଇଥିଲା। କିନ୍ତୁ ଏବେ କେବଳ ସ୍ୱାବ୍ ପରୀକ୍ଷା ଉପରେ ନିର୍ଭର କରିବାକୁ ପଡିବ ବୋଲି ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି।

# ଜଳବନ୍ଦୀକୁ ନେଇ ଉତ୍ତେଜନା



ଜିଲାପାଳ ଓ ଅନ୍ୟ ଅଧିକାରୀ ଜଳ ନିଷ୍କାସନ ପଥ ଦେଖୁଛନ୍ତି।

ରଘୁନାଥପୁର,୨୬।୮(ଡି.ଏନ.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷାରେ ରଘୁନାଥପୁର ବ୍ଲକ ଅଧୀନ ଛପଡ଼ା ପଞ୍ଚାୟତ ଜଇପୁର ଗ୍ରାମର ୩, ୫, ଓ ୬ନଂ ୱାର୍ଡ ଜଳବନ୍ଦୀ ହୋଇଛି। ଫଳରେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବୁଧବାର ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ତହସିଲଦାର ରୂପାଲିକା ଦାଶ, ବିଡିଓ ଜିତେନ୍ଦ୍ର କୁମାର ନାୟକ, ଆରଆଇ ଗୋବିନ୍ଦଚନ୍ଦ୍ର ବିନ୍ଧାଣି ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଜିଲାପାଳ ସଂଗ୍ରାମକେଶରୀ ମହାପାତ୍ର ପହଞ୍ଚି ନିଷ୍କାସନ ପଥକୁ ତୁରନ୍ତ ଖୋଲି ଅଧିକ ପାଣି ନିଷ୍କାସନ କରିବା ପାଇଁ ଆରଆଣ୍ଡବି ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ଜଳମଗ୍ନ ଯୋଗୁ ଗ୍ରାମର ଶତାଧିକ ପରିବାର ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହା ଦୀର୍ଘଦିନର ସମସ୍ୟା ହୋଇଥିବାବେଳେ, ସ୍ଥାୟୀ ପ୍ରତିକାର ପାଇଁ ସରପଞ୍ଚ ବିଜୟ ମହାନ୍ତି, ଗୋଲେଖ ଦାସ, ବସନ୍ତ ସେଠୀ, ବିଷ୍ଣୁ ଦାସ, ଶିବପ୍ରସାଦ ସାହୁ, ରମେଶ ବେହେରା, ସୁନାକର ଦାସ ଓ ଧୁନା ଦାସଙ୍କ ସମେତ ଗ୍ରାମବାସୀ ଦାବି ଜଣାଇଛନ୍ତି। ଲୋକଙ୍କ ଘରେ ବର୍ଷା ପାଣି ପଶିବା ଦ୍ୱାରା କେତେକ କଚ୍ଚା ଘର ଓ ଗୁହାଳ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଲୋକେ ଘରେ ରୋଷେଇ କରି ଖାଇବା ପାଇଁ ମଧ ହୀନସ୍ତା ହେଉଛନ୍ତି। ଜଳ ନିଷ୍କାସନ ପଥ ପୋତିହୋଇ ପଡିଥିବା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ସଂଶୋଧନ ଦାବିରେ ଶାନ୍ତିପୂର୍ଣ୍ଣ ଗଣଧାରଣା



ସଚେତନ ନାଗରିକ ମଞ୍ଚ ସଦସ୍ୟ ଓ ଅନ୍ୟମାନେ ଗଣଧାରଣରେ ବସିଛନ୍ତି।

**ଦଶମ ଶ୍ରେଣୀ ଇତିହାସ ବହିରେ ତ୍ରୁଟି**

ବରୀ, ୨୬।୮ (ଡି.ଏନ୍.ଏ.)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ ଦଶମ ଶ୍ରେଣୀ ଇତିହାସ ବହିର ୩୦ ଏବଂ ୩୧ ନମ୍ବର ପୃଷ୍ଠାରେ ତ୍ରୁଟି ରହିଥିବା ବେଳେ ଏହାର ସଂଶୋଧନ କରାଯିବା ଦାବିରେ ବୁଧବାର ବରୀ ସଚେତନ ନାଗରିକ ମଞ୍ଚ ପକ୍ଷରୁ ୧୨ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା। ତହସିଲ କାର୍ଯ୍ୟାଳୟ ଆଗରେ ଅନୁଷ୍ଠିତ ଗଣଧାରଣାରେ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ସଭାପତି କୁଳମଣି ଶୁକ୍ଳା, ଶିକ୍ଷାବିତ କୁଞ୍ଜବିହାରୀ ଦାଶ, ସମାଜସେବୀ ସତ୍ୟରଞ୍ଜନ କର, ଶିକ୍ଷାବିତ୍ ମାର୍କଣ୍ଡ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ଡ. ବିଶ୍ୱନାଥ ତ୍ରିପାଠୀ, ଦୁର୍ଯ୍ୟୋଧନ ଶତପଥୀ, ସରପଞ୍ଚ ସମୀର ମଳିକ ପ୍ରମୁଖ ସାମିଲ ଥିଲେ। ପୂର୍ବରୁ ଏ ନେଇ ପ୍ରଶାସନକୁ ଅବଗତ କରାଯାଇଥିଲେ ବି ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ଗଣଧାରଣା ସମ୍ପର୍କରେ କୌଣସି ସୂଚନା ମୋ ପାଖରେ ନାହିଁ ବୋଲି କହିଛନ୍ତି। ଅପରପକ୍ଷରେ ବରୀ ବ୍ଲକ ଶିକ୍ଷାଧିକାରୀ ଅଭୟ କୁମାର ବେହେରାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିବାରୁ ତାଙ୍କ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# କେନ୍ଦ୍ରାପଡ଼ାରେ ୭୬ ନୂତନ ଆକ୍ରାନ୍ତ ଚିହ୍ନଟ

କେନ୍ଦ୍ରାପଡ଼ା ଅଫିସ, ୨୬।୮

କେନ୍ଦ୍ରାପଡ଼ା ଜିଲାରେ ୭୬ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ବୁଧବାର କୁହାଯାଇଛି। ଆକ୍ରାନ୍ତଙ୍କ ସଂଖ୍ୟା ୧୩୮୫ରେ ପହଞ୍ଚିଛି। କେନ୍ଦ୍ରାପଡା ବ୍ଲକରୁ ଚିହ୍ନଟ ୨୪ ଜଣଙ୍କ ମଧ୍ୟରୁ ୮ ଜଣ ଜିଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀ। ମ୍ୟୁନିସିପାଲିଟିରୁ ୮, ଡେରାବିଶରୁ ୧୧, ଗରଦପୁରରୁ ୭, ମାର୍ଶାଘାଇରୁ ଜଣେ, ମହାକାଳପଡାରୁ ୪, ପଟ୍ଟାମୁଣ୍ଡାଇରୁ ୮, ଆଳିରୁ ୯ ଓ ରାଜକନିକାରୁ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛି। ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ଜିଲାରେ ଆକ୍ରାନ୍ତ ଚିହ୍ନଟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି । ୮୮୭ ଜଣ ସୁସ୍ଥ ହୋଇଥିବା ବେଳେ ୪୯୪ ଜଣ ଚିକିତ୍ସାଧୀନ ଅଛନ୍ତି।

# ଲକ୍ଷାଧିକ ଟଙ୍କାର ଗହଣା, ଟଙ୍କା ଚୋରି

ଜଗତ୍‌ସିଂହପୁର ଅଫିସ,୨୬।୮

ଜଗତ୍‌ସିଂହପୁର ଥାନା ମରିଚାପଦାରେ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗାଁର ସୟଦ ଅରସଦ୍ ଅଲ୍ଲୀଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୭୮/୨୦) ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ଅରସଦ୍‌ଙ୍କ ଅଭିଯୋଗ ଅନୁଯାୟୀ, ଗତ ସପ୍ତାହରେ ତାଙ୍କ ବଡ ଭାଇ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କଟକ ଯାଇଥିଲେ। ୧୬ ତାରିଖରେ ବାପା ମଧ କଟକ ଯାଇ ଫେରି ନ ଥିଲେ। ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତ ତାଙ୍କ ଘର ତାଲା ଭାଙ୍ଗି ୨ଟି ହାର, ୧ଟି ଚେନ୍, ଚୁଡ଼ି ୨୦ ଗ୍ରାମ, ୧୫ଟି ମୁଦି, ୧ଟି ମଙ୍ଗଳସୂତ୍ର, ନାକଫୁଲ, କାନ ଫୁଲ ୨ ହଳ ସମେତ ନଗଦ ୨୦ ହଜାର ଟଙ୍କା ଚୋରି କରି ନେଇଛନ୍ତି।

# ମାନସିକ ନିର୍ଯାତନା ଦିଆଯାଉଥିବା ଦର୍ଶାଇ ଧାରଣା

କେନ୍ଦ୍ରାପଡ଼ା ଅଫିସ, ୨୬।୮

କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଧୂମାତ ଶାସନ ଗ୍ରାମର ଜଗନ ଜେନା ଚୋରି କରି ନ ଥିଲେ ମଧ୍ୟ ପଞ୍ଚାୟତ ସଭାରେ ଚୋର ସାବ୍ୟସ୍ତ ହୋଇଛନ୍ତି। ଚୋର କହି ପଞ୍ଚାୟତରେ କାମ ମିଳୁ ନ ଥିବା ପରି ମାନସିକ ନିର୍ଯାତନା ଦିଆଯାଉଥିବା ଦର୍ଶାଇ ଜଗନ ଓ ତାଙ୍କ ପରିବାର ସଦସ୍ୟ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣ ଦେଇଥିଲେ। ଜିଲା ପ୍ରଶାସନ ଅନୁରୋଧ କ୍ରମେ ସେମାନେ ଧାରଣାରୁ ଉଠିଯାଇଛନ୍ତି। ଜଗନ କହନ୍ତି, ଗତ ଫେବୃୟାରୀ ୨୭ରେ ଗ୍ରାମର ଶାନ୍ତିଲତା ନନ୍ଦଙ୍କ ଘରୁ କେତେକ ପିତଳ ମୂର୍ତ୍ତି ଚୋରି ହୋଇଥିଲା। ଏ ନେଇ ଶାନ୍ତିଲତା ଥାନାରେ ଅଭିଯୋଗ କରିବା ସହ ଜଗନଙ୍କୁ ସନ୍ଦେହ କରିଥିଲେ। ଏହି ଘଟଣାକୁ ଗ୍ରାମରେ ତୁଟାଇବା ପାଇଁ ସରପଞ୍ଚ ଦାୟିତ୍ୱ ନେଇଥିଲେ। ଗ୍ରାମ ସଭାରେ ଚୋରି କରିଥିବା ଅଭିଯୋଗରେ ତାଙ୍କଠାରୁ ୫ ହଜାର ଟଙ୍କା ନିଆଯାଇଥିଲା। ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଏହି ମୂର୍ତ୍ତି ଉଦ୍ଧାର କରାଯାଇ ଅଭିଯୋଗକାରୀଙ୍କୁ ଫେରସ୍ତ ହୋଇଥିଲା। ତେବେ ଜଗନଙ୍କଠାରୁ ନିଆଯାଇଥିବା ଟଙ୍କା ଫେରସ୍ତ ହୋଇନାହିଁ। ଏପରି କି ଗ୍ରାମରେ ଚୋର ବୋଲି କହି ମଜୁରି ଖଟିବାକୁ ଦିଆଯାଉନାହିଁ। ଥାନାରେ ଜଣାଇବା ପରେ ସୁଫଳ ନ ମିଳିବାରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଜଗନ କହିଛନ୍ତି । ଏ ନେଇ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କ ମାମଲା ବୁଝିବା ପାଇଁ ନିକିରାଇ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି ।

# କୁସୁମୀ ନଦୀପୋଲ ଅଧାପନ୍ତରିଆ

**ଅବଧି ସରିବାର ୩ବର୍ଷ ବିତିଲା**

ଖଣ୍ଡପଡ଼ା,୨୬।୮(ସ୍ୱ.ପ୍ର.)

ଖଣ୍ଡପଡ଼ା ସହରରୁ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର କୁସୁମୀ ନଦୀ ଉପରେ ଏକ ପୋଲ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ବିଜୁ ସେତୁ ଯୋଜନାରେ ୬କୋଟି ୮୧ ଲକ୍ଷ ୮୬ ହଜାର ଟଙ୍କା ଅନୁଦାନ ମଞ୍ଜୁର କରିଥିଲେ । ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପୋଲ ନିର୍ମାଣ କାର୍ଯ୍ୟ ୨୦୧୫ ଏପ୍ରିଲ ମାସରୁ ଆରମ୍ଭ ହୋଇଥିଲା ବେଳେ ୨୦୧୭ ଶେଷ ସୁଦ୍ଧା ଶେଷହେବ ବୋଲି ଧାର୍ଯ୍ୟ ହୋଇଥିଲା। ଇତିମଧ୍ୟରେ ଅବଧି ସରିବାର ୩ବର୍ଷ ବିତିଥିଲେ ମଧ ପୋଲ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ପଡିରହିଛି। ପୋଲର ୩ଟି ସ୍ଥାନ କାର୍ଯ୍ୟ ଶେଷ ହୋଇ ଛାତ ପଡିଛି। ୩୦ ପ୍ରତିଶତ କାମ ଶେଷ ହୋଇଥିବା ବେଳେ ଏହା ସମ୍ପୂର୍ଣ୍ଣ ହେବାନେଇ ଅନିଶ୍ଚିତତା ଦେଖାଦେଇଛି। ଏଣେ ନିର୍ମାଣରେ ବିଳମ୍ବକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ସେତୁର ନିର୍ମାଣ ଦାୟିତ୍ୱ କଟକ ଅଞ୍ଚଳର ଜଣେ ଠିକାଦାରଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ମାତ୍ର ଏଗ୍ରିମେଣ୍ଟ ଅନୁସାରେ ସେ ଠିକ୍ ସମୟରେ କାର୍ଯ୍ୟ ଶେଷ ନ କରିବାରୁ ତାଙ୍କ ବଦଳରେ ଅନ୍ୟ ଜଣେ ଠିକାଦାର ନିଯୁକ୍ତ ପାଇଁ ବ୍ୟବସ୍ଥା ହୋଇଥିବା ବିଭାଗୀୟ ସହକାରୀ ଯନ୍ତ୍ରୀ ସନ୍ଦୀପ କୁମାର ସୂଚନା ଦେଇଛନ୍ତି। ଏହାସହ ବର୍ଷାଋତୁ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ପୋଲ ନିର୍ମାଣ ହେଲେ ଆଖପାଖ ୧୫ ଖଣ୍ଡ ମୌଜାର ଜନସାଧାରଣ ଉପକୃତ ହେବେ ବୋଲି କୁହାଯାଉଛି।



ଅଧାରେ ଅଟକିଛି ପୋଲକାମ।

# ଜଳବନ୍ଦୀରେ ସହର, ଗ୍ରାମ

**କେନ୍ଦ୍ରାପଡ଼ା ଜିଲା**

- ୫ ବ୍ଲକ ଅଞ୍ଚଳରେ କୁମ୍ଭୀର ଭୟ
- ଉପାନ୍ତ ଅଞ୍ଚଳରେ ପାନୀୟ ଜଳ ଚିନ୍ତା

କେନ୍ଦ୍ରାପଡ଼ା ଅଫିସ, ୨୬।୮



କେନ୍ଦ୍ରାପଡ଼ା ସହର ୨୧ନଂ. ୱାର୍ଡରେ ବର୍ଷାଜଳ।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁ କେନ୍ଦ୍ରାପଡା ଜିଲାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୫୧୫ ମିଲିମିଟର ବର୍ଷା ହୋଇଛି। ବର୍ଷା ଲାଗିରହିଥିବାରୁ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ବନ୍ୟା ଜଳ ବଢ଼ିଚାଲିଛି। ଫଳରେ ସହର ଓ ଜିଲାର ଉପାନ୍ତ ଅଞ୍ଚଳରେ ବର୍ଷା ଓ ବନ୍ୟା ପାଣି ଜିଲାବାସୀଙ୍କୁ ବେହାଲ କରିଛି। ସମସ୍ତଙ୍କୁ ମୌଳିକ ସୁବିଧା ମିଳିପାରି ନ ଥିବାବେଳେ ପାନୀୟ ଜଳ ସଙ୍କଟ ଦେଖାଦେଇଛି । ସେହିପରି ଲକ୍ଷାଧିକ ହେକ୍ଟର ଖରିଫ ଚାଷ କ୍ଷେତରେ ପାଣି ଜମିରହିଛି। ଅପରପକ୍ଷେ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ଓ ରାଜକନିକା ବ୍ଲକରେ ଏବେ କୁମ୍ଭୀର ଆତଙ୍କ ଦେଖାଦେଇଛି। ସହରର ବିଭିନ୍ନ ୱାର୍ଡରେ ଡ୍ରେନେଜ୍ ସିଷ୍ଟମ କାମ କରୁ ନ ଥିବାରୁ ବ୍ୟକ୍ତିଗତ ଘର ଓ ସରକାରୀ ଅଫିସରେ ପାଣି ପଶିଛି।

ସାମାଜିକ କର୍ମୀ ମନୋଜ ନାୟକ କହନ୍ତି, ଜଳବନ୍ଦୀରେ ଥିବା ଅଧିବାସୀଙ୍କ ପାଇଁ ଗୃହପାଳିତ ପଶୁଙ୍କ ସମସ୍ୟା ଗୁରୁତର ହୋଇଛି। ଆଳିର ପାରିଗୋବିନ୍ଦପୁର, ବନମାଳୀପୁର, ପଟ୍ଟାମୁଣ୍ଡାଇର ସିଂହଗାଁ ଆଦି ପଞ୍ଚାୟତ ସମେତ ଧୋୟା ଅଞ୍ଚଳରେ ବନ୍ୟାଜଳ ପ୍ରବାହିତ ହେଉଛି । କେତେକ ଗୋଚର ଜମିରେ ପଟୁ ପଡିଯାଇଛି । ପ୍ରଶାସନ ପକ୍ଷରୁ ଅଦ୍ୟାବଧି ଗୋଖାଦ୍ୟ ଦିଆଯାଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଓଡିଶା ମାନବାଧିକାର ପରିଷଦ ଜିଲା ସଭାପତି ପ୍ରତାପ କୁମାର ପାଢ଼ୀ ଜିଲାର ପାନୀୟ ଜଳ ସମସ୍ୟା ସମ୍ପର୍କରେ ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଅଦ୍ୟାବଧି ବିପର୍ଯ୍ୟସ୍ତ ପାନୀୟ ଜଳ ଉତ୍ସକୁ ସଜାଡି ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଜମି ରହିଥିବା ପାଣିକୁ ବ୍ୟବହାର କରି ରାଜନଗର ଅଞ୍ଚଳରେ ଝାଡାବାନ୍ତି ଆରମ୍ଭ ହୋଇଥିବା ବେଳେ ପରିମଳ ବିପର୍ଯ୍ୟସ୍ତ ହେତୁ ରୋଗ ବ୍ୟାପିବା ସମ୍ଭାବନା ଦେଖାଦେଇଛି। ସେହିପରି ରାଜନଗର ବ୍ଲକ ବାରହାପୁର ଗ୍ରାମର ପରିବେଶବିତ ହେମନ୍ତ କୁମାର ରାଉତ କୁହନ୍ତି, ଜାତୀୟ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ଗଣନା ସମୟରେ ଚଳିତବର୍ଷ ୧୭୦୦ରୁ ଅଧିକ କୁମ୍ଭୀର ଥିବା ଜଣାପଡିଥିଲା । ଏହି କୁମ୍ଭୀର ଜଳବନ୍ଦୀ ଅଞ୍ଚଳକୁ ପଳାୟନ କରିଥିବା ସନ୍ଦେହ ହୋଇଛି । ଜାତୀୟ ଉଦ୍ୟାନ ନିକଟ ରାହାପୁର, ଓସ୍ତିଆ, ନଗଡ, ବନ୍ଧପାଟଣା, ନଳଦିଆ, ଶ୍ରୀରାମପୁର ଆଦି ଗ୍ରାମ ଅଦ୍ୟାବଧି ଜଳବନ୍ଦୀରେ ଅଛି । ଏହିସବୁ ଗ୍ରାମରେ ଲୁଣା କୁମ୍ଭୀର ଥିବା ଦେଖାଯାଇଛି। ଜଳବନ୍ଦୀ ହଟିଲେ କୁମ୍ଭୀର ଜଳାଶୟରେ ରହିଯିବା ବଡ କଥା ନୁହେଁ। ଏଥିପାଇଁ ସ୍ଥାନୀୟ ଅଧିବାସୀ ଆତଙ୍କିତ ଥିବା ବେଳେ ବନବିଭାଗ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ। ବର୍ଷା ଓ ବନ୍ୟା ବିପ୍ରାତ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କୁହନ୍ତି, ବନ୍ୟା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ତଳିଆ ଅଞ୍ଚଳରେ ରହୁଥିବା ଜନସାଧାରଣ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ ସଚେତନ କରାଯାଉଛି । ପାନୀୟ ଜଳ ଓ ପରିମଳ ବିଭାଗ, କୃଷି ବିଭାଗ, ରାଜସ୍ୱ ବିଭାଗର ଅଧିକାରୀମାନେ ବନ୍ୟା ଓ ବର୍ଷା କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚିଛନ୍ତି। ଏଥିସହିତ ଅଗ୍ନିଶମ ବାହିନୀ, ପୌର ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ କରାଯାଉଥିବା ବେଳେ ଜଳ ସମ୍ପଦ, ଡ୍ରେନେଜ, ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ସମ୍ଭାବ୍ୟ କ୍ଷତି ଉପରେ ନଜର ରଖିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳକୁ ସଜାଡିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

